## ଅଲେଖ ମହିମା ଦଳ ବିଜୟୀ

**ଢେଙ୍କାନାଳ ଅଫିସ:** ଢେଙ୍କାନାଳ ଷ୍ଟାଡିୟମ୍‌ରେ ଚାଲିଥିବା ଇଣ୍ଡ୍ରା କ୍ଲବ କ୍ରିକେଟ ପ୍ରତିଯୋଗିତାର ଗୁରୁବାର ଅନୁଷ୍ଠିତ ମ୍ୟାଚ୍‌ରେ ଅଲେଖ ମହିମା ଦଳ ବିଜୟୀ ହୋଇଛି। ଅଲେଖ ମହିମା ଦଳର ୧୬୬ ରନ୍ ଜବାବରେ ପ୍ରତିପକ୍ଷ ଓମ୍‌ସାଇ ଦଳ ୧୧୪ ରନ୍ କରିବାକୁ ସକ୍ଷମ ହୋଇଥିଲା। ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଇମତିଆଜ ଅଲ୍ଲୀ ଅମ୍ପାୟରିଂ କରିଥିଲା। ସୁଧାଂଶୁ କୁମାର ଦଳେଇ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ, ଅଭିଜିତ ମିଶ୍ର, ଶିବଶଙ୍କର ଦେହୁରୀ ପ୍ରମୁଖ ଏହାର ପରିଚାଳନା କରୁଛନ୍ତି।

## ସଂକ୍ଷେପରେ

### ହତ୍ୟା ଅଭିଯୁକ୍ତ ନିର୍ଦ୍ଦୋଷ

**କାମାକ୍ଷାନଗର, ୧୨।୧(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ଏକ ହତ୍ୟାକାଣ୍ଡ ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ଅତିରିକ୍ତ ଜିଲା ଦୌରାଜଜ ମଧୁମିତା ମହାନ୍ତ ଏହାର ଶୁଣାଣି କରି ସାକ୍ଷ୍ୟପ୍ରମାଣ ଅଭାବରୁ ଅଭିଯୁକ୍ତ ବିଷ୍ଣୁ ସାହୁ ଓରଫ ଟୁକୁନାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ମକୁଆକାଟେଣୀ ଗ୍ରାମର ବ୍ରହ୍ମାନନ୍ଦ ସାହୁ ୨୦୧୯ ନଭେମ୍ବର ୫ରେ କଙ୍କଡ଼ାହାଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏଥିରେ ସେ ଦର୍ଶାଇଥିଲେ ଯେ ମା’ ବୈଦେହୀ ସାହୁଙ୍କୁ ଭାଇ ଟୁକୁନା ପିଟି ପିଟି ହତ୍ୟା କରିଛନ୍ତି। ପୋଲିସ ନଂ. ୮୨/୧୯, ଦଫା ୩୦୨ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେହିଦିନଠାରୁ ଟୁକୁନା ବିଚାରାଧୀନ ବନ୍ଦୀ ଭାବେ ଜେଲରେ ଥିଲେ। ୧୧ ଜଣ ସାକ୍ଷୀଙ୍କ ବୟାନ ଆଧାରରେ କୋର୍ଟ ଏହି ରାୟ ଶୁଣାଇଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ସର୍ବଜିତ୍ ଜୀ ମାମଲା ପରିଚାଳନା କରୁଥିବା ବେଳେ ଶରତ ଚନ୍ଦ୍ର ମିଶ୍ର ସହଯୋଗ କରୁଥିଲେ।

### ଛାତ୍ରୀ ଶିଖିଲେ ଆତ୍ମରକ୍ଷା କୌଶଳ

**ଢେଙ୍କାନାଳ ଅଫିସ, ୧୨।୧:** ଢେଙ୍କାନାଳ ସଦର ବ୍ଲକ ଗେଙ୍ଗୁଟିଆ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଅଧକ୍ଷା ଡ. କବିତା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ସଂସ୍କୃତ ଅଧାପକ ଶ୍ରୀବତ୍ସ କୁମାର ନାୟକ କହିଲେ, ଆତ୍ମରକ୍ଷା କୌଶଳ ଶିଖିଲେ ଛାତ୍ରୀମାନେ ମାନସିକସ୍ତରରେ ସୁଦୃଢ଼ ହୋଇପାରିବେ ଏବଂ ନିଜେ ସୁରକ୍ଷିତ ରହିପାରିବେ। ବିଷ୍ଣୁପ୍ରିୟା ରାଉତ ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ସଂଯୋଜକ ବନୋଜ ରାୟ ପରିଚାଳନା କରିଥିବାବେଳେ ଅଧାପିକା ଅଧାପକ ସହଯୋଗ କରିଥିଲେ।

### ଧୁନି ନିଆଁରୁ ମହିଳା ଅର୍ଦ୍ଧଦଗ୍ଧ

**ପରଜଙ୍ଗ, ୧୨।୧(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ମୁକ୍ତାପଶି ଗ୍ରାମରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ଶୀତ ଦାଉରୁ ରକ୍ଷା ପାଇବା ଲାଗି ଧୁନି ଜାଳି ପୋଇଁ ହେଉଥିବା ବେଳେ ନିଆଁ ଲାଗି କମଳା ବେହେରା (୨୫) ନାମ୍ନୀ ଜଣେ ମହିଳା ଅର୍ଦ୍ଧଦଗ୍ଧ ହୋଇଯାଇଛନ୍ତି। ଶୀତ ଦାଉରୁ ରକ୍ଷା ପାଇବା ଲାଗି ସକାଳେ ସ୍ୱାମୀ ବିଜୟ ନାୟକଙ୍କ ସହ କମଳା ନିଆଁ ପୋଉଁଥିଲେ। ଏହି ସମୟରେ ଅସାବଧାନତାରୁ ତାଙ୍କ ଲୁଗାରେ ନିଆଁ ଲାଗି ଯାଇଥିଲା। ପରିବାର ଲୋକଙ୍କ ସହାୟତାରେ ଗୁରୁତର ଅବସ୍ଥାରେ ତାଙ୍କୁ ପରଜଙ୍ଗ ମେଡିକାଲରେ ଭର୍ତ୍ତି କରାଯାଇଛି।

### ସଙ୍ଗଠନ ସୁଦୃଢ଼ କରିବାକୁ ଆହ୍ୱାନ

**ଢେଙ୍କାନାଳ ଅଫିସ, ୧୨।୧:** ଓଡ଼ାପଡ଼ା ବ୍ଲକ ମେରାମଣ୍ଡଳୀ ବାଇପାସ୍‌ରେ ଗୁରୁବାର ମୋଟଙ୍ଗା ମଣ୍ଡଳ ଭାଜପାର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ଜ୍ୟୋତି ପ୍ରସାଦ ରାଉତଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, ମୁଖ୍ୟବକ୍ତା ପୂର୍ବତନ ମନ୍ତ୍ରୀ ଅଞ୍ଜଳି ବେହେରା ଏବଂ ସମ୍ମାନିତ ଅତିଥି ଜିଲା ସମ୍ପାଦକ ସୁଶାନ୍ତ ପତି, ମଣ୍ଡଳ ପ୍ରଭାରୀ ତପନ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ସଙ୍ଗଠନକୁ ତୃଣମୂଳସ୍ତରରୁ ମଜଭୁତ୍ କରିବା ଲାଗି ଆହ୍ୱାନ ଦେଇଥିଲେ। ସଞ୍ଜୟ ବେହେରା, ରାଜକିଶୋର ସାହୁ, ଦେବାନନ୍ଦ ବେହେରା, ବିପିନ ସାହୁ, କୈଳାସ ନାଏକ, ହେମନ୍ତ ନାଏକ, ଅଗସ୍ତି ପରିଡା, ଧୋବେଇ ସାମଲ, ଚିତ୍ରସେନ ସାମଲ, ପ୍ରଫୁଲ୍ଲ ନନ୍ଦ, ବିଷ୍ଣୁ ଚରଣ ସାହୁ ପ୍ରମୁଖ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ପ୍ରାତଃ ୩ଟା ୫୫ରେ ଉଠିବ ମହାଦୀପ

### ଫେବୃୟାରୀ ୧୮ରେ କପିଳାସ ଜାଗରଯାତ୍ରା

**ଢେଙ୍କାନାଳ ଅଫିସ, ୧୨।୧**

କପିଳାସ କ୍ଷେତ୍ରାଧିପତି ଶ୍ରୀଚନ୍ଦ୍ରଶେଖର ଜୀଉଙ୍କ ପୀଠ କପିଳାସରେ ଆସନ୍ତା ଫେବୃୟାରୀ ୧୮ରେ ହେବ ପ୍ରସିଦ୍ଧ ଜାଗରଯାତ୍ରା। ଏହାକୁ ଶୃଙ୍ଖଳିତ କରିବା ଲାଗି ଗୁରୁବାର ଅପରାହ୍ନରେ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଜିଲାପାଳ ସରୋଜ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜପୁରୋଧାଙ୍କ ଦ୍ୱାରା ଧାର୍ଯ୍ୟ ନୀତିନିର୍ଘଣ୍ଟ ଅନୁଯାୟୀ ପ୍ରାତଃ ୩ଟା ୫୫ରେ ମହାଦୀପ ଉଠିବ। ଏହି ନୀତି ୪ଟା ୯ ସୁଦ୍ଧା ଶେଷ ହେବ ବୋଲି ସ୍ଥିରୀକୃତ ହୋଇଛି।

ଚଳିତବର୍ଷ କରୋନା ପ୍ରଭାବହୀନ ଥିବାରୁ ପ୍ରବଳ ଜନସମାଗମ ହେବାର ସମ୍ଭାବନା ରହିଛି। ତେଣୁ ମହାଦେବଙ୍କ ଏହି ଯାତ୍ରାକୁ ଶୃଙ୍ଖଳିତ କରିବା ଲାଗି ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯିବ। ବାରବାଙ୍କ ଘାଟି ରାସ୍ତା, ପାହାଚ ରାସ୍ତା, ମନ୍ଦିର ଭିତର ବେଢ଼ା, ପୀଠ ପରିସର, ବଡ଼ଦାଣ୍ଡ, ଶିଖରରେ ଆଲୋକ ବ୍ୟବସ୍ଥା କରାଯିବ। ଗାଡ଼ି ପାର୍କିଂ ପାଇଁ ଭଡ଼ା ଧାର୍ଯ୍ୟ ହେବ। ଦର୍ଶକମାନେ ଏଲ୍‌ଇଡି ମାଧ୍ୟମରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖିବେ। ପରିମଳ, ଜଳଯୋଗାଣ, ଅଗ୍ନି ନିର୍ବାପକ, ଅସ୍ଥାୟୀ ଦୋକାନ, ଶୌଚାଳୟ, ଆଶୁ ଚିକିତ୍ସା, କଣ୍ଟ୍ରୋଲ ରୁମ ସ୍ଥାପନ ଆଦି ବିଷୟରେ ଆଲୋଚନା କରାଯାଇଛି।


ବୈଠକରେ ଜିଲାପାଳ, ଏସ୍‌ପିଙ୍କ ସମେତ ଅନ୍ୟମାନେ।

ଏଥର ମଧ୍ୟ ପୀଠକୁ ପଲିଥିନ ବାରଣ କରାଯାଇଛି। ପୀଠର ପାଦଦେଶରେ ମହାପ୍ରଭୁ ଶ୍ରୀଚନ୍ଦ୍ରଶେଖର ଜୀଉଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ। ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଜାଗରଯାତ୍ରା ସମ୍ପନ୍ନ କରିବା ଲାଗି ଜିଲାପାଳ ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି।

ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ପୋଲିସ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ। ଏଥିରେ ସ୍ଥାନୀୟ କଲେଜର ୫୦ ଛାତ୍ରୀଛାତ୍ରଙ୍କ ସହଯୋଗ ନିଆଯିବ ବୋଲି ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର କହିଛନ୍ତି। ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ଅତିରିକ୍ତ ଜିଲାପାଳ (ସାଧାରଣ) ରମେଶ ଚନ୍ଦ୍ର ସେଠୀ, ଜିଲା ବନଖଣ୍ଡ ଅଧିକାରୀ ଡ. ପ୍ରକାଶ ଚାନ୍ଦ ଗୋଗିନେନି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତନ୍ମୟ କୁମାର ଦରୱାନ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ପୂର୍ବାବସ୍ଥା ଫେରାଇ ଆଣିବାକୁ ଏନ୍‌ଜିଟି ନିର୍ଦ୍ଦେଶ

### ଖଣି ରାସ୍ତା ପାଇଁ ଜଙ୍ଗଲ ଜମି ବ୍ୟବହାର ମାମଲା

**ଢେଙ୍କାନାଳ ଅଫିସ, ୧୨।୧**



ଢେଙ୍କାନାଳ ଜିଲା ହିନ୍ଦୋଳ ତହସିଲ ଗଣ୍ଡାନାଳୀ ମୌଜାରେ ବିନା ପରିବେଶ ଅନୁମତିରେ କଳାପଥର ଖଣି ଚାଲିବା, ଖଣିରେ ବିସ୍ଫୋରକ ବ୍ୟବହାର, ଜେସିବି ସହାୟତାରେ ପଥର ଉତ୍ତୋଳନ, କଦଳୀପାଳ ଗ୍ରାମ୍ୟ ଜଙ୍ଗଲ ଜମିକୁ ଏଥିଲାଗି ବ୍ୟବହାର କରିବା ନେଇ ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି)ରେ ଅଭିଯୋଗ ହୋଇଥିଲା। ଉକ୍ତ ମାମଲାର ଶୁଣାଣି କରି ଜମିର ପୂର୍ବ ସ୍ଥିତାବସ୍ଥା ଫେରାଇ ଆଣିବା ଦିଗରେ ପଦକ୍ଷେପ ନେବାକୁ ଜିଲାପାଳ ଏବଂ ଡିଏଫ୍‌ଓଙ୍କୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଛନ୍ତି। ଗଣ୍ଡାନାଳୀ କଳାପଥର ଖଣିରୁ ଖଣିଜ ପରିବହନ ପାଇଁ ଜଙ୍ଗଲ କିସମ ଜମିରେ ରାସ୍ତା କରାଯିବା ପ୍ରସଙ୍ଗକୁ ବିଚାରକୁ ନେଇ ପରିବେଶ କ୍ଷତିପୂରଣ ଆକଳନ ପାଇଁ ଜିଲାପାଳଙ୍କୁ ଏନ୍‌ଜିଟି କହିଛନ୍ତି। ଲିଜଧାରୀଙ୍କୁ ନୋଟିସ ସହିତ ପରିବେଶ କ୍ଷତିପୂରଣ ନିର୍ଦ୍ଧାରଣ କରାଯିବ। ୨ମାସ ମଧ୍ୟରେ ଏହି କ୍ଷତିପୂରଣ ଲିଜଧାରୀଙ୍କଠାରୁ ଆଦାୟ କରିବା ଲାଗି ଏନ୍‌ଜିଟି ସମୟସୀମା ଧାର୍ଯ୍ୟ କରିଛନ୍ତି।

ସରକାରଙ୍କ ପକ୍ଷରୁ ଦିଆଯାଇଥିବା ସତ୍ୟପାଠରେ ପୂର୍ବ ଲିଜ୍‌ଧାରୀଙ୍କ ବିରୋଧରେ ଦୁଇବର୍ଷ ହେଲା ନୋଟିସ ଜାରି କରାଯାଇଥିବା ଦର୍ଶାଯାଇଛି। ଏହା ସତ୍ତ୍ୱେ ଟଙ୍କା ପୈଠ କରାଯାଇ ନାହିଁ। ତେଣୁ ଆଇନ ଅନୁଯାୟୀ କାହିଁକି ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲାନାହିଁ ବୋଲି ପ୍ରଶ୍ନ କରିବା ସହ ଏନ୍‌ଜିଟି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଜଙ୍ଗଲ କିସମ ଜମିକୁ ରାସ୍ତାଭାବେ ଲିଜଧାରୀ ବ୍ୟବହାର କରିଥିବାରୁ ହନ୍ଦୋଳ ତହସିଲଦାର ନୋଟିସ ଜାରି କରିଥିଲେ। ଲିଜଧାରୀ ମଧ୍ୟ ଜବାବ ଦାଖଲ କରି ଏହାକୁ ସ୍ୱୀକାର କରିଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ଡିଏଫ୍‌ଓ ଡା. ପ୍ରକାଶ ଚାନ୍ଦ ଗୋଗିନେନି କୁହନ୍ତି, ଉକ୍ତ ରାସ୍ତାକୁ ବନ୍ଦ କରି ଦିଆଯାଇଛି। ଉକ୍ତ ଅଞ୍ଚଳରେ ପାଉଁଶ ପକାଇ ରେଭେନ୍ୟୁ ପ୍ଲାଣ୍ଟେଶନ କରାଯିବ।

# ‘ଭାବନାକୁ ନିରୀକ୍ଷଣ କର, ନିଜକୁ ଚିହ୍ନ’

**ଢେଙ୍କାନାଳ ଅଫିସ, ୧୨।୧**

ଢେଙ୍କାନାଳ କଲେଜ ସମ୍ମିଳନୀ କକ୍ଷରୁ ଗୁରୁବାର ଅପରାହ୍ନରେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଶାଖା ତରଫରୁ ସ୍ୱାମିଜୀଙ୍କ ୧୬୧ ତମ ଜୟନ୍ତୀ ତଥା ଯୁବ ଦିବସ ପାଳିତ ହୋଇଯାଇଛି। ସଭାପତି ଶିକ୍ଷାବିତ୍ ଶଙ୍କର୍ଷଣ ଶତପଥୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଅଧକ୍ଷ ଡ. ଭବାନୀ ଶଙ୍କର ମିଶ୍ର, ମୁଖ୍ୟବକ୍ତା ଲୋକ ସଂସଦ ଶାଖା ଉପସଭାପତି ଅଧାପକ ଦେବରାଜ ବେହେରା, ସମ୍ମାନିତ ବକ୍ତା ଅଧାପକ ଡ. ଆଦିତ୍ୟ କୁମାର ମେହେର, କଲେଜ ଅଧକ୍ଷ ରଞ୍ଜିତ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ବିବେକାନନ୍ଦ ହେଉଛନ୍ତି ଯୁବପିଢ଼ିଙ୍କ ପ୍ରେରଣା। ତାଙ୍କ ନୀତିଆଦର୍ଶ ଯୁବବର୍ଗଙ୍କୁ ରାଷ୍ଟ୍ର ନିର୍ମାଣରେ ବ୍ରତୀ ହେବାରେ ସହାୟକ ହୋଇପାରିବ। ଅବକ୍ଷୟମୁଖୀ ସମାଜରେ ଭାବନାକୁ ନିରୀକ୍ଷଣ କରି ନିଜକୁ ଚିହ୍ନିପାରିଲେ ସବୁକ୍ଷେତ୍ରରେ ସଫଳତା ହାସଲ କରିହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାର ୨୪ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଂଯୋଜିକା କାଦମ୍ବରୀ ମହାଖୁଡ, ଜିଲା ସମ୍ପାଦକ ପଣ୍ଡିତ ବିପିନ ବିହାରୀ ଶତପଥୀ, ଆଜୀବନ ସଦସ୍ୟ ବୈକୁଣ୍ଠ ବିହାରୀ ସ୍ୱାଇଁ, ଡ. ସୁସନ୍ୟାଯା ମହାନ୍ତି, ଝୁନୁବାଳା ମିଶ୍ର, ପ୍ରଭାତ ନଳିନୀ ଦାସ, ଆଜୀବନ ସଦସ୍ୟ କୃପାସିନ୍ଧୁ ମିଶ୍ର, କାକଳୀ ମହାଖୁଡ଼ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।


ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

# ପୃଥକ୍ ଦୁର୍ଘଟଣା: ଜଣେ ମୃତ, ଜଣେ ଗୁରୁତର

**କାମାକ୍ଷାନଗର/ପରଜଙ୍ଗ, ୧୨।୧(ଡି.ଏନ୍.ଏ.)**

କାମାକ୍ଷାନଗର ଉପଖଣ୍ଡର ପୃଥକ୍ ସ୍ଥାନରେ ଗୁରୁବାର ଦୁର୍ଘଟଣା ଘଟିଛି। ଏଥିରେ କାମାକ୍ଷାନଗର ଏନ୍‌ଏସି ୧ନଂ. ୱାର୍ଡ ଇନ୍ଦିପୁର ଗ୍ରାମର ଶେଷଦେବ ନାୟକ (୩୦)ଙ୍କ ମୃତ୍ୟୁ ଘଟିଛି। ସେ ଶଶୁ ଘରକୁ ଯାଇ ଫେରୁଥିବାବେଳେ ଦଣ୍ଡାଧର ଡ୍ୟାମ ନିକଟରେ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ୧୦୮ ଆମ୍ବୁଲାନ୍ସରେ ତାଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ନଗରପାଳ ଧର୍ମାନନ୍ଦ ପରିଡ଼ା ମେଡ଼ିକାଲରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ସେହିପରି ପରଜଙ୍ଗ ଥାନା ୫୩ନଂ. ଜାତୀୟ ରାଜପଥର ବାହିହାପୁର ଛକ ନିକଟରେ ଛିଡ଼ା ହୋଇଥିବା ଟ୍ରକ୍ (ନଂ. ଓଡ଼ି ୩୫ ସି ୫୫୩୬) ପଛପଟେ ପିଟି ହୋଇଯିବାରୁ ବାଇକ୍ ଆରୋହୀ ତଥା ବଡ଼ସୁଆଁଳ ଗ୍ରାମର ନିରଞ୍ଜନ ବିଶ୍ୱାଳ ଗୁରୁତର ହୋଇଛନ୍ତି। ୧୦୮ ଆମ୍ବୁଲାନ୍ସରେ ତାଙ୍କୁ ପ୍ରଥମେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଅବସ୍ଥା ସଙ୍କଟାପନ୍ନ ଥିବାରୁ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପରଜଙ୍ଗ ପୋଲିସ ଉଭୟ ଗାଡ଼ି ଜବତ କରି ତଦନ୍ତ ଆରମ୍ଭ କରିଛି।

# ‘ଭଲ ପାଠପଢ଼ି ଆଗକୁ ବଢ଼’


ମୁଖ୍ୟ ଅତିଥି ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

**ଢେଙ୍କାନାଳ ଅଫିସ,୧୨।୧**

### ସିନ୍‌ଫେଷ୍ଟ ଉଦ୍‌ଘାଟିତ

ଢେଙ୍କାନାଳ ସିନର୍ଜି ଇଞ୍ଜିନିୟରିଂ କଲେଜର ବାର୍ଷିକ ସାଂସ୍କୃତିକ ଉତ୍ସବ ‘ସିନ୍‌ଫେଷ୍ଟ’ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏମ୍‌ପି ମହେଶ ସାହୁ ଯୋଗଦେଇ ଭଲ ପାଠପଢ଼ି ଆଗକୁ ବଢ଼ିବା ସହିତ ନିଜ ଭବିଷ୍ୟତ ଗଢ଼ି ତୋଳିବା ପାଇଁ ପ୍ରୟାସ ଜାରି ରଖିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ୱିଙ୍ଗ୍ କମାଣ୍ଡର ବି.ଏସ୍. ସିଂଦେଓ, ରୁଙ୍ଗଟା ମାଇନ୍ସର ଅତିରିକ୍ତ ଜେନେରାଲ ମ୍ୟାନେଜର ସଞ୍ଜୟ କୁମାର ଶ୍ରୀବାସ୍ତବ, ଆଦିତ୍ୟ ବିର୍ଲା ଗ୍ରୁପ୍ ଉପସଭାପତି ବିଭୁଦତ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସିନର୍ଜି ଇଞ୍ଜିନିୟରିଂ କଲେଜ ନିର୍ଦ୍ଦେଶକ ଡ. ପ୍ରଶାନ୍ତ ନାୟକ, ପ୍ରିନ୍ସିପାଲ ଡ. ଇତିଶ୍ରୀ ନାୟକ, ସିନର୍ଜି ଯୁକ୍ତ ୩ ବିଜ୍ଞାନ କଲେଜ ପ୍ରିନ୍ସିପାଲ ମାତୃପ୍ରସାଦ ଦାସ, ଡିପ୍ଲୋମା କଲେଜ ପ୍ରିନ୍ସିପାଲ ସରୋଜ ନାୟକ, ନର୍ସିଂ ଟ୍ରେନିଂ କଲେଜ ପ୍ରିନ୍ସିପାଲ ଶକ୍ତିସ୍ୱରୂପିଣୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ପୁରସ୍କୃତ ହୋଇଥିଲେ। ଶୁକ୍ରବାର ଉତ୍ସବ ଉଦ୍‌ଯାପିତ ହେବ ବୋଲି ପ୍ରଶାସନିକ ଅଧିକାରୀ ଚନ୍ଦ୍ରକାନ୍ତ ମିଶ୍ର ଜଣାଇଛନ୍ତି।

# କଡ଼ାକଡ଼ି ହେବ ଟ୍ରାଫିକ୍ ବ୍ୟବସ୍ଥା

**ଢେଙ୍କାନାଳ ଅଫିସ, ୧୨।୧**

- ୧୮ ବର୍ଷରୁ କମ୍ ବୟସ୍କ ବାଇକ୍ ଚଳାଇଲେ ଜରିମାନା
- ୧୫ ଦିନ ସଚେତନ କରାଯିବା ପରେ କାର୍ଯ୍ୟାନୁଷ୍ଠାନ

ଢେଙ୍କାନାଳ ସହରରେ ଟ୍ରାଫିକ୍ ବ୍ୟବସ୍ଥା କଡ଼ାକଡ଼ି କରିବା ଲାଗି ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଗୁରୁବାର ଜିଲା ପୋଲିସ କାର୍ଯ୍ୟାଳୟରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ରଥଗଡାଠାରୁ ବାଜିଚୌକ, ମହିଷାପାଟ ଓ କଣ୍ଟାନାଳି ଛକରେ ଟ୍ରାଫିକ୍ ପରିଚାଳନା ଉପରେ ଗୁରୁତ୍ୱ ଦିଆଯିବ। ୧୮ବର୍ଷରୁ କମ୍ ବୟସ୍କ ପିଲା ବାଇକ୍ ଚଳାଇ ଧରାପଡ଼ିଲେ ଜରିମାନା ଗଣିବେ। ଦ୍ରୁତଗତିରେ ଗାଡ଼ିଚାଳନା, ଟ୍ରାଫିକ୍ ନିୟମ ଭାଙ୍ଗିଲେ କିମ୍ବା ବେଆଇନ ପାର୍କିଂ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିଲାଗି ୧୫ଦିନ ଯାଏ ସଚେତନ କରାଯିବ। ଏହାପରେ ଜରିମାନା ଆଦାୟ ସହ ଥାନାରେ ମାମଲା ଦାର କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ବୈଠକରେ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ ମିଶ୍ର, ଟାଉନ ଥାନାଧିକାରୀ ରାଜେନ୍ଦ୍ର ମହାପାତ୍ର, ଏମ୍‌ଭିଆଇ ଦେବାଶିଷ ସ୍ୱାଇଁ, ବଜରଙ୍ଗ କ୍ଲବର ସନ୍ଦୀପ ଷଡ଼ଙ୍ଗୀ, ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ, ଶିଳ୍ପ ଓ ବାଣିଜ୍ୟ ସଂଘ ସଭାପତି ରାଜେନ୍ଦ୍ର ଦାସ, ପୌର ନିର୍ବାହୀ ଅଧିକାରୀ ତରୁଣ କୁମାର ମହାପାତ୍ର, ଗଣେଶ ବଜାର ପୂଜା କମିଟି କାର୍ଯ୍ୟକାରୀ ସଭାପତି ଶରତ ସାହୁ, ସମ୍ପାଦକ ବିଶ୍ୱନାଥ ବେହେରା ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ୱାର୍ଡସଭ୍ୟଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ବଇଣ୍ଡା,୧୨।୧(ଡି.ଏନ.ଏ.)**

କିଶୋରନଗର ବ୍ଲକ ବିଶ୍ୱ ଯୁବକେନ୍ଦ୍ର ପରିସରରେ ବିଶ୍ୱ ଯୁବକେନ୍ଦ୍ର ପକ୍ଷରୁ ୱାର୍ଡ ସଭ୍ୟାସଭ୍ୟମାନଙ୍କୁ ନେଇ ଏକ ତିନି ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ସଙ୍ଗଠନ ଉପସଭାପତି ନମିତା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଷ୍ଣୁପ୍ରିୟା ପ୍ରଧାନ, ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ଅନୁପମା ସାହୁ, ପୂର୍ବତନ ସଭାପତି ବସନ୍ତ କୁମାର ପ୍ରଧାନ ଯୋଗଦେଇଥିଲେ। ଏଥିରେ ଲୁହାମୁଣ୍ଡା, ହଣ୍ଡପା, କଟରଙ୍ଗା ଓ କଦଳୀମୁଣ୍ଡା ପଞ୍ଚାୟତର ୪୪




ୱାର୍ଡ ସଭ୍ୟ ପ୍ରଶିକ୍ଷଣ ନେଇଥିଲେ। ସରକାରଙ୍କ ସମସ୍ତ ଯୋଜନା କିଭଳି ନିଜ ନିଜ ୱାର୍ଡରେ କାର୍ଯ୍ୟକାରୀ କରି ବିକାଶ କରିପାରିବେ ସେ ସମ୍ପର୍କରେ ପ୍ରଶିକ୍ଷକ ଗୋବିନ୍ଦ ଶଙ୍ଖାରି, ସୁମିତା ସାହୁ ପ୍ରଶିକ୍ଷଣ ଦେଇଥିଲେ। ଅଭିଷେକ ମହାପାତ୍ର, ଅଭୟ ଚରଣ ସ୍ୱାଇଁ, କମଳ ଲୋଚନ ସାହୁ, ପୁନିଆ ସାହୁ ସହଯୋଗ କରିଥିଲେ।

# ସ୍ୱାମିଜୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ

**କାମାକ୍ଷାନଗର, ୧୨।୧(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ବାଇସିଙ୍ଗା ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ସ୍ୱାମିଜୀଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉନ୍ମୋଚନ କରି କହିଲେ, ବିବେକାନନ୍ଦ ଥିଲେ ଯୁବଗୋଷ୍ଠୀର ଆଦର୍ଶ। ପ୍ରତି ବିଦ୍ୟାଳୟରେ ତାଙ୍କ ଜୀବନୀ ପଢ଼ାଇବା ଆବଶ୍ୟକ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ସରପଞ୍ଚ ସନ୍ତୋଷ ସାହୁ, ଜିଲା ପରିଷଦ ସଭ୍ୟା ଦୀପ୍ତିମୟୀ ବିଶ୍ୱାଳ, ଶିକ୍ଷକ ଶ୍ରୀରାମ ରାଉତ, ଯୋଗଗୁରୁ ନିର୍ମଳ ସାହୁଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।


ସ୍ୱାମିଜୀଙ୍କ ପ୍ରତିମୂର୍ତ୍ତି ଲୋକାର୍ପଣ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

# ଜିଲାସ୍ତରୀୟ ଖୋଖୋ: ଭାଗନେଲେ ୩୨୧ ପ୍ରତିଯୋଗୀ



ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀ।

**କାମାକ୍ଷାନଗର, ୧୨।୧(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗରସ୍ଥିତ ସିଦ୍ଧେଶ୍ୱରୀ ହାଇସ୍କୁଲ ଖେଳପଡ଼ିଆରେ ଗୁରୁବାର ଜିଲାସ୍ତରୀୟ ଖୋଖୋ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଦୁଇଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ବାଳିକା, ବାଳକ ବିଭାଗରେ ମୋଟ ୩୨୧ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି।

ଉଦ୍‌ଘାଟନୀ ସମାରୋହରେ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଜ୍ୟୋତି ପ୍ରସାଦ ପରିଡ଼ା ଅଧ୍ୟକ୍ଷତା କରି କହିଲେ, ଜିଲାସ୍ତରରେ କ୍ରୀଡ଼ା ପ୍ରତିଭା ଚୟନ ପାଇଁ ଏଭଳି ପ୍ରତିଯୋଗିତା ଶ୍ରେଷ୍ଠ ମଞ୍ଚ। ଏଠାରେ ଉନ୍ନତ ପ୍ରଦର୍ଶନ କରିଥିବା ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଦକ୍ଷତା ଦେଖାଇବା ଲାଗି ସୁଯୋଗ ପାଇପାରିବେ। ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ ମହାନ୍ତି ଯୋଗଦେଇ ପାଠ ସହ କ୍ରୀଡ଼ାକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଜଗବନ୍ଧୁ ଜେନା, ରାୟନୃସିଂହପୁର ସରପଞ୍ଚ ଶିଶିରକାନ୍ତ ବେହେରା, ସମିତିସଭ୍ୟା ପ୍ରବୀଣା ଖିଲାର, ଜିଲା ପରିଷଦ ସଭ୍ୟା ଅବନ୍ତୀ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

ଶିକ୍ଷକ ବିପିନ ବିହାରୀ ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ଶାରୀରିକ ଶିକ୍ଷା ଶିକ୍ଷକ ରାମକୃଷ୍ଣ ବେହେରା, ବାନାର୍ଜୀ ମହାନ୍ତି, ଜୟନ୍ତୀ ବେହେରା ପ୍ରମୁଖ ସହଯୋଗ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବୈଜୟନ୍ତୀ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସେମିରେ ଫେମସ କ୍ଲବ

**ଢେଙ୍କାନାଳ ଅଫିସ,୧୨।୧**

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ବେଢ଼ାପଡ଼ା ଗ୍ରାମ ମା’ ଅନ୍ଧାରୀ କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ୧୨ତମ ସୁବାସ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟର ଗୁରୁବାର ଅନୁଷ୍ଠିତ ଏକ କ୍ୱାର୍ଟର ଫାଇନାଲ ମ୍ୟାଚରେ କଟକ ରାଇଜିଂ ଷ୍ଟୁଡେଣ୍ଟ ଦଳକୁ ୩ ଉଇକେଟରେ ହରାଇ କେନ୍ଦୁଝର ଫେମସ୍ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। କଟକ ୨୦ ଓଭରରେ ୪ ଉଇକେଟ ହରାଇ ୧୮୪ ରନ୍ କରିଥିଲା। ଜବାବରେ କେନ୍ଦୁଝର ୧୯.୪ ଓଭରରେ ୭ ଉଇକେଟ ହରାଇ ୧୮୭ ରନ୍ କରି ବିଜୟୀ ହୋଇଥିଲା। ୫୯ ବଲ୍‌ରୁ ଧୂଆଁଧାର ୧୦୫ ରନ୍ କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଅନୁପ ପଲ ‘ମ୍ୟାନ ଅଫ୍ ଦି ମ୍ୟାଚ’ ବିବେଚିତ ହୋଇଥିଲେ। ସଞ୍ଜୟ ସାମଲ, ବିମଲ ଜଲାନ ମ୍ୟାଚ୍ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଗିରିଧରପ୍ରସାଦ ସରପଞ୍ଚ ପିଣ୍ଟୁ ସେଠୀ, ସମ୍ମାନିତ ଅତିଥି ଅଜିତ କୁମାର ସାମଲ, ସାମାଜିକ କର୍ମୀ ତପନ ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ଶୁକ୍ରବାର ସାଇ ଏକାଦଶ ଭୁବନେଶ୍ୱର ଏବଂ ଫେମସ କ୍ଲବ କେନ୍ଦୁଝର ମଧ୍ୟରେ ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍ ଖେଳାଯିବ।


ଅନୁପ ପଲଙ୍କୁ ପୁରସ୍କୃତ କରାଯାଉଛି।

